ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/H&FW (OD)/991/06-01-2020**

# ବୈଷୟିକ ଓ ବୃତ୍ତିଗତ ଅନୁଷ୍ଠାନଗୁଡ଼ିକର ସହବନ୍ଧନ କାର୍ଯ୍ୟ ଅନ୍‌ଲାଇନ୍ ମାଧ୍ୟମରେ କରାଯିବ

## ଏହା ଦ୍ୱାରା ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରହିବା ସହ କାର୍ଯ୍ୟ ତ୍ୱରାନ୍ୱିତ ହେବ

ଭୁବନେଶ୍ୱର, ତା.୦୬/୦୧/୨୦୨୧

ରାଜ୍ୟରେ ଥିବା ବୈଷୟିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନଗୁଡ଼ିକର ସହବନ୍ଧନ କାର୍ଯ୍ୟକୁ ସହଜ ଓ ସରଳ କରିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅନ୍‌ଲାଇନ୍‌ରେ ଏସବୁ କାର୍ଯ୍ୟ କରିବା ପାଇଁ ସରକାର ନୀତିଗତ ଭାବେ ନିଷ୍ପତ୍ତି ଗ୍ରହଣ କରିଥିବାବେଳେ, ଏ ସଂକ୍ରାନ୍ତରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଟିଇ ଆଣ୍ଡ ଭିଟି)ର ଭାଇସ୍ ଚେୟାରମ୍ୟାନ୍‌ଙ୍କୁ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଆଗରୁ ଅବଗତ କରାଯାଇଥିଲା ଓ ଏ ଦିଗରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଉପରୋକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

ଏଠାରେ ସୂଚନାଯୋଗ୍ୟ ଯେ ବିପିୟୁଟି ଅଧୀନରେ ୯୩ଟି ଇଂଜିନିୟରିଂ କଲେଜ୍, ୭୬ଟି ଏମ୍‌ବିଏ ଓ ଏମ୍‌ସିଏ ଶିକ୍ଷାନୁଷ୍ଠାନ ଓ ୧୭ଟି ଫାର୍ମାସି ଶିକ୍ଷା ଅନୁଷ୍ଠାନ ଥିବାବେଳେ ଏସ୍‌ସିଟିଇ ଆଣ୍ଡ ଭିଟି ଅଧୀନରେ ୧୬୩ଟି ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନ ରହିଛି ।ପରବର୍ତ୍ତୀ ସମୟରେ ଦେଖାଗଲା ଯେ ଏହାକୁ ସଠିକ୍ ଭାବେ ଅନୁପାଳନ କରାଯାଉ ନାହିଁ । ଅନୁଷ୍ଠାନଗୁଡ଼ିକୁ ସହବନ୍ଧନ ପ୍ରଦାନ କାର୍ଯ୍ୟରେ ହେଉଥିବା ଆବେଦନ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ସ୍ୱଳ୍ପ ଅବଧି ଓ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗ ପକ୍ଷରୁ ପୁଣିଥରେ ନିର୍ଦ୍ଦେଶ ଦିଆଯାଇଛି ।

ଏ ସମସ୍ତ ତଥ୍ୟଗୁଡ଼ିକ ଓଡ଼ିଶା ୱାନ୍ ପୋର୍ଟାଲ୍ ଓ ନିଜସ୍ୱ ୱେବ୍‌ସାଇଟ୍‌ରେ ଦର୍ଶାଇବାକୁ ମଧ୍ୟ କୁହାଯାଇଛି । ଏପରିକି ଏ ସଂକ୍ରାନ୍ତରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ୧୫ ଦିନ ମଧ୍ୟରେ ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ ଜଣାଇବାକୁ ବିଭାଗୀୟ ସଚିବ ଶ୍ରୀ ସଂଜୟ କୁମାର ସିଂ ନିର୍ଦ୍ଦେଶ ଦେଇଛନ୍ତି ।

ବିଭୂତି ନାୟକ
ସୂଚନା ଅଧିକାରୀ